ଧୃତରାଷ୍ଟ୍ରଙ୍କ ଶୋକରେ ଯୁଧିଷ୍ଠିର ତତ୍ତ୍ୱ କଥା କହି ସାନ୍ତ୍ୱନା ପ୍ରଦାନ କରିବା
ବଦୟନ୍ତି ଅଗସ୍ତି ଶୁଣ ମନୁ ଗ୍ୟାଂତା
ୟେଥିର ଉତ୍ତାରୁ ହୋଇଲା ଯେତେ କଥା । ୧ ।
ରୋଗାର୍ତ୍ତୀ ଅପଣ୍ଡିତ ଅଗ୍ୟାନୀ ଜନ ଲୋକେ
ମଲା ଲୋକଙ୍କୁ ସେ ବିଚାର କରନ୍ତି ଶୋକେ । ୨ ।
ତାହାର ଯେତେ ପୁଣ୍ୟ ମୁକତି ଗତି ଦେବା
ଯୁଝେଷ୍ଠି କହନ୍ତି ଶୁଣ ହୋ ରାଜଦେବା । ୩ ।
ଧୃତରାଷ୍ଟ୍ର ଯହୁଂ ବିସରିଲେ ପୁଅନ୍ତ କୋଳେ ଧରି
ଅନ୍ଧ ଲୋଚନରୁ ବହଇ କ୍ରୋଧ ଅଶ୍ରୁ ବାରି । ୪ ।
ଯୁଝେଷ୍ଠି ବୋଇଲେ ଶୁଣିମା ଜ୍ୟେଷ୍ଠ ତାତ
ପୃଥୀପତି ହୋଇ କି-। କ୍ରୋଧ ଅପ୍ରମିତ । ୫ ।
ଯୁଗତେ ରାଜ୍ୟେ ଯେବେ ରାଜା ହୋୟେ କ୍ରୋଧୀ
ମନ୍ଦ ବୃଦ୍ଧି ହୋଅଇ ଶରୀରେ ହୋୟେ ବ୍ୟାଧି । ୬ ।
ଅଭିଷେକ ହୋଇବା ରାଜାର ଅଶ୍ରୁଜଳ ପଡନ୍ତେଣ ସୃଷ୍ଟି
ପୃଥୀ ଫଳଦାୟକ ନୋହଇ ଇନ୍ଦ୍ରନ କରଇ ବୃଷ୍ଟି । ୭ ।
ନୃପତି ହୋଇ ଯେବେ ହୋଅଇ କ୍ରୋଧକାରୀ
ସନ୍ତାନ ହାନି ହୋଅଇ କନ୍ଧରୁ ଛାଡଇ ଶିରୀ । ୮ ।
ରାଜା ହୋଇ ଯେବେ କ୍ରୋଧ କରଇ ଭୋ ପିତା
ପ୍ରଥମେ ହବିର୍ଭାଗ ନ ଘେନଇ ଅଗ୍ନି ଯେ ଦେବତା । ୯ ।
ରାଜାର ଧର୍ମେ ସେ ବ୍ରତଇ ମହୀୟାଳୀ
ରାଜାର କ୍ରୋଧ ଦେଖ ସମସ୍ତେ ହୋଅନ୍ତ ବିକଳି । ୧୦ ।
ରାଜା ହୋଇ ଯେବେ ଅଦଭୁତେଣ କ୍ରୋଧୀ
ବୀର୍ଯ୍ୟ ହାନି ହୋଅଇ ଶତ୍ରୁ ନୋହଇ ସାଧି । ୧୧ ।
ପରରାଷ୍ଟ୍ର ଚାରଗଣେ ଗୁପତେ ଥାଆନ୍ତିଟି ପିତା
ରାଜ୍ୟର ବିଲକ୍ଷଣ ପରରାଷ୍ଟ୍ରକୁ ହୋଅଇ ବାରତା । ୧୨ ।
ଚକ୍ଷୁ ଅବା ତୋହୋର ହୋଇଲା ଅଦୃଶ୍ୟ
ବଳବନ୍ତ ପଣ୍ଡିତ ତୁ ଗ୍ୟାଂତା ଭୂତ ଯେ ଭବିଷ୍ୟ । ୧୩ ।
ଆହାରେଣ ଜିତା ହାଦେ ହୋଇବାକ ରାଜା
ଶୃଙ୍ଗାରେଣ ଜିତା ହୋଇ ବିଳସିବ ଅନେକ ଭାରିଯା । ୧୪ ।
ଶହସ୍ରେ ଶାହସ୍ରେଣ ହୋଇବ ଜଗୁଜିତା
ପରରାଷ୍ଟ୍ରେ ଜିଣିମ ବାହାନେ ନିର୍ଜିତା । ୧୫ ।
----------
୧୧ ।୧ ରାଜା ହୋଇ ଯେବେ ଅନମିତେ କ୍ରୋଧୀ ।

ଆଗ୍ୟାଂରେ ଥିବେ ପାତ୍ର ମନ୍ତ୍ରୀ ଗୋ ଶକତା । ୧୬ ।
ପ୍ରତାପ ଗୁଣ ବହିବ ହୋଇ ଅଣକ୍ରୋଧୀ
ପରଭୂମି ଘେନିମ ସମରେଣ ନିରୋଧୀ । ୧୭ ।
ଦଣ୍ଡେ ଦଣ୍ଡିଲେ ରାଜାକୁ ନୋହଇ ଅଧର୍ମ
କ୍ଷତ୍ରୀ କୁଳକୁ ନାଥ ୟେସନେକ ନିଜ କର୍ମ । ୧୮ ।
ୟେସନେକ ପରମାର୍ଥ କଥା ଧୃତରାଷ୍ଟଙ୍କୁ କହିଲେ ଯୁଝେଷ୍ଠି
ଶୁଣିଣ ରାଜା ବୋଇଲେ ତୁ ମୋହୋର ସାଧୁ ପୁତ୍ର ଗୋଟି । ୧୯ ।
ୟେତେ ଗ୍ୟାନବନ୍ତ ତୁ ବାଳୁତ ବୟସୁଂ
ନ ପଢି ପଣ୍ଡିତ ବାବୁ କେମନ୍ତେ ବିଘଂସୁ । ୨୦ ।
ହୃଦରେ କଳଙ୍କ ଘେନିଲେ ରାଜା ଯୁଝେଷ୍ଠି ଗୁଣ ବାଛି
ଆବର ପୁଅଙ୍କର ମୋର ଜୀବନ କାହିଂ ଅଛି । ୨୧ ।

ବାଳୁତ ପୁତ୍ର ବୋଲି ମୁଂ ଖେଳାଇଲି ୟେହାଙ୍କୁ
ଅନ୍ତେଣ ବ୍ରହ୍ମଗ୍ୟାନ ୟେ ଶିଖାଇଲା ମୁକୁ । ୨୨ ।
ରାଗ ଖଣ୍ଡି ଧରି ଧୃତରାଷ୍ଟ ବୋଇଲା
ବାବୁ ତୋହୋର ପିତା ପଣ୍ଡୁ ଶତଶିଂଗେ ନାଶ ଗଲା । ୨୩ ।
ଶୁଦ୍ଧ ଘୃତ ଘେନିଣ ଅଇଲେ ସଞ୍ଜୟେ
ୟେଥୁଂ ଗଣ୍ଡୁଷ କର ବାବୁ ଲିତାୟେ, ଲିତାୟେ । ୨୪ ।
ୟୁଦ୍ଧେଷ୍ଠି ବୋଇଲେ ବାବୁ ପଣ୍ଡୁର ନିମନ୍ତେ
ତହିଂକି ସନ୍ତାପ କି ନା ତାତ କରୁଅଛୁ ୟେତେ । ୨୫ ।
ପାପ ଯେ କଲା ପଣ୍ଡୁ ଅଳପେ ନାଶ ଗଲା
ଆମ୍ଭର କୃତ୍ୟମାନ ସେ ଦେଖି ନ ପାରିଲା । ୨୬ ।
ମଲେ ଗଲେ ପଣ୍ଡୁ ଆମ୍ଭର ନାହିଂ ଚିନ୍ତା
ତୁ ମାତ୍ର କ୍ଷମେ କୁଶଳେ ଥାଅସି ଜ୍ୟେଷ୍ଠ ପିତା । ୨୭ ।
ଭୋ ତାତ ରୋଗିତ ଅପଣ୍ଡିତ ଅଗ୍ୟାନୀ ଯଉଂ ଲୋକ
ମଲା ଲୋକଙ୍କୁ ୟେମାନେ କରୁଥାନ୍ତି ଶୋକ । ୨୮ ।
------

୧୮ ।୨  କ୍ଷତ୍ରୀକୁଳକୁ ରାଜା ୟେସନେକ ବିଧାନ
୨୦ ।୨  ନ ପଢି ପଣ୍ଡିତ ବାବୁ କେମନ୍ତେ ବୁଦ୍ଧି ଭାଷୁ ।
୨୧ ।୨  ଆବର ପୁଅଙ୍କର ମୋର ରାଜ୍ୟ କାହିଂ ଅଛି ।
୨୮  ଭୋ ତାତ ଅପାବନ ମୂର୍ଖ ଯେ ଅଟନ୍ତି ଯେବଣ ଲୋକ ।
ମଲା ଲୋକ ମରନ୍ତି କି- । କରନ୍ତି ଶୋକ ।

ତାହାର ପୁଣ୍ୟ ଥିଲା ସେ ଭୋଗ କରୁଥିଲା
ତାହାର ପୁଣ୍ୟ ସରିଲା ସେ ଅଳପେ ନାଶ ଗଲା । ୨୯ ।
ତୋହୋର ମୋହୋର ଶୋକ କଲେ କିସ ହୋଇବ ମଲା ଲୋକକୁ
ଆପଣେ କଷ୍ଟୀ ହୋଇଲେ କି ପାଇବା ପିତାକୁ । ୩୦ ।
ୟୁଦ୍ଧେଷ୍ଠି ତିଆରିଲେ ଧୃତ ଯେ ରାଷ୍ଟଙ୍କୁ
ଅନ୍ଧ ବୋଇଲା ତୁ ଧାରଣା ହୋଇଲୁ ପଞ୍ଚୁକଟକକୁ । ୩୧ ।
ୟେ କୁଳକୁ ଉତପତ୍ତି ତୁହି ସେ ମହାବ୍ରହ୍ମି
ଶୋକ କ୍ରୋଧ ତେଜିଲା ସେ କୁରୁରାଜ ସ୍ୱାମୀ । ୩୨ ।
ପାଞ୍ଚ ଉତ୍ତର ଶତେ ପୁତ୍ରେ ଘେନି ଅନ୍ଧ ଗଙ୍ଗାୟେ ସେ କଲେ ସ୍ନାନ
ଶୁଦ୍ଧ ଘୃତ ପାରଣା କରାଇଲେ ଉଦ୍ଧାଳକ ମହାମୁନ୍ୟ । ୩୩-୩୨୩୫ ।
*********